# ପିଲାମାନଙ୍କ ପାଇଁ ବାଇବଲ
## ଉପହାର

# ଯୀଶୁ ଏକ ଅନ୍ଧକୁ ସୁସ୍ଥ କଲେ



ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Ruth Klassen

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ବାର୍ଟୀମୟ ଜଣେ ଅନ୍ଧ ଲୋକ ଥିଲା, ସେ ଯିରିହୋର ପଥ ପାର୍ଶ୍ୱରେ ବସିଥିଲା । କେତେକ ଦୟାଳୁ ଲୋକମାନେ ସେହି ରାସ୍ତାଦେଇ ଯିବାବେଳେ ତାଙ୍କୁ ନିଜ ଖାଦ୍ୟରୁ କିଛି ଅଂଶ କିମ୍ବା କିଛି ପରିମାଣରେ ଅର୍ଥଦାନ ମଧ୍ୟ କରୁଥିଲେ । ବାର୍ଟୀମୟ ଅନ୍ଧ ଥିବାରୁ କିଛି କାର୍ଯ୍ୟ



ଏକ ସମୟରେ, ରାଜପଥ ଅତ୍ୟଧିକ ବ୍ୟସ୍ତ ଥିଲା । ବାର୍ତ୍ତୀମୟ ଅନେକ ଲୋକଙ୍କ ପାଦଶବ୍ଦ ଶୁଣିପାରିଲେ । କିଛି  ଅସାମାନ୍ୟ ହେବାର ସେ ଅନୁଭବ କଲେ ।



ସଂଙ୍ଗେ ସଂଙ୍ଗେ ସେ ସେହି ଶବ୍ଦ ବିଷୟରେ ଜାଣିପାରିଲେ ।
ନାଜରୀତୀୟ ଯୀଶୁ ସେହି ନଗରରେ ଥିଲେ । ଯୀଶୁଙ୍କୁ ଦେଖିବାକୁ ଓ ଶୁଣିବାକୁ ସେଠାରେ ଲୋକ ଗହଳି ହେଲା ।





ହେ ଦାଉଦ ସନ୍ତାନ ଯୀଶୁ,
ମୋତେ ଦୟା କରନ୍ତୁ,
ବାର୍ତ୍ତୀମୟ କାହିଁକି ଉଚ୍ଚ
ସ୍ୱରରେ ଡାକିଲା? ଯୀଶୁ
ତାଙ୍କୁ ସାହାଯ୍ୟ କରିପାରିବେ
ବୋଲି କାହିଁକି ସେ ଭାବିଲା,
ହୋଇପାରେ ଯୀଶୁ ଅନ୍ୟ
ଲୋକମାନଙ୍କୁ ସୁସ୍ଥ କରିଥିବା
କଥା ଶୁଣିଥାଇପାରନ୍ତି ।



କୋତେକ ବଧିର, ମୂକ,
କେତେକ ଖଞ୍ଜା, ଏବଂ
ତାଙ୍କପରି କେତେ ଅନ୍ଧ ସୁସ୍ଥ
ହୋଇଥିବେ । ଦାଉଦ ସନ୍ତାନ,
ମୋତେ ଦୟାକର, ବାର୍ତୀମୟ
ବାରମ୍ବାର ଉଚ୍ଚ ଶ୍ୱରରେ
ଡାକିଲେ । ସେ ସୁସ୍ଥହେବା
ଆଶାରେ ତାଙ୍କର ସ୍ୱରରେ
ଯୀଶୁଙ୍କୁ ଡାକିଲା ।



ବାର୍ତ୍ତୀମୟ ଗୋଟିଏ
ବିଷୟରେ ନିଶ୍ଚିତ ଥିଲେ ।
ଯଦି ବର୍ତ୍ତମାନ ସେ ସାହାଯ୍ୟ
ପାଇବେ ନାହିଁ, ହୋଇପାରେ
ପୁଣି ଏପରି ସୁଯୋଗ ସେ
ଫେରି ପାଇବେ ନାହିଁ । ଯୀଶୁ
ଏହି ରାସ୍ତାରେ ପୁଣି କେବେ
ଆସି ନ ପାରନ୍ତି ।



ବାର୍ଟୀମୟଙ୍କୁ
ଯୀଶୁଙ୍କ ନିକଟକୁ
ପହଞ୍ଚିବାକୁ ପଡ଼ିଲା, କିନ୍ତୁ
ଲୋକଗହଳି ତାଙ୍କୁ ସ୍ଥାନ
ଦେଲେନାହିଁ । ଶ୍‌ଷ୍ଟ...!
ସେମାନେ କହିଲେ ।
ସେମାନେ ତାଙ୍କୁ ଚୁପ୍‌
ରହିବାକୁ ଧମକ
ଦେଲେ ।



କିନ୍ତୁ ବାର୍ତୀମୟ ଚୁପ୍ ରହିଲେ ନାହିଁ । କିନ୍ତୁ ସେ ଆହୁରି ଅଧିକ ଉଚ୍ଚ ସ୍ୱରରେ ଡାକିଲା । ଅଚାନକ୍ ଭାବରେ ଯୀଶୁ ଠିଆ ହୋଇଗଲେ, ଶୁଣିଲେ, ସେହିଅନ୍ଧଟିକୁ ତାଙ୍କ ନିକଟକୁ ଆଣିବାକୁ ଆଜ୍ଞା ଦେଲେ । ସାହସ ଧର, ଲୋକମାନେ ବାର୍ତୀମୟକୁ କହିଲେ । ଉଠ ସେ ତୁମ୍ଭକୁ ଡାକୁଅଛନ୍ତି ।



ତହିଁରେ ସେ ଆପଣା ଚାଦର ଫୋପାଡ଼ିଦେଇ, ବାର୍ତୀମୟ ଉଠି ଯୀଶୁଙ୍କ ନିକଟକୁ ଆସିଲା ।



ମୁ ତୁମ୍ଭପାଇଁ କଅଣ କରିବି ବୋଲି ତୁମ୍ଭେ ଇଚ୍ଛାକର? ଯୀଶୁ ତାହାଙ୍କୁ ପଚାରିଲେ । ତୁମେ କିପରି ଉତ୍ତର ଦେଇଥାନ୍ତ? ତୁମେ କି ଅଧିକ ପରିମାଣରେ ଧନ କିମ୍ବା ଉତ୍ତମ ବସ୍ତ୍ର ମାଗିଥାନ୍ତ?, ବାର୍ଟୀମୟ କଅଣ ତାହା ଚାହୁଥିଲେ କି?



ନୁହେଁ, ଅନ୍ଧ ବାର୍ଟୀମୟ ଯୀଶୁଙ୍କଠାରୁ ସୁନା କିମ୍ବା ଉତ୍ତମ ବସ୍ତ୍ର ଚ଼ାହିଁନଥିଲେ । ତୁମେ ଜାଣ ସେ କଅଣ ଚ଼ାହୁଁଥିଲେ । ହେ ଗୁରୁ, ମୁ ଯେପରି ଦୃଷ୍ଟିପାଏ । ବାର୍ଟୀମୟ ଦେଖିବାକୁ ଚ଼ାହୁଁଥିଲେ, ସେ ...



... ପଶୁପକ୍ଷି, ଗଛପତ୍ର ଓ ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟ ସମସ୍ତ ଦେଖିବାକୁ ଚାହୁଁଥିଲେ । ସେ ଚକ୍ଷୁରେ ଦେଖି ନିଜେ ନିଜ ଶରିରର ଦେଖାଶୁଣା କରିବାକୁ ଚାହୁଁଥିଲେ ଓ ସେ ଭିକାରି ହେବାକୁ ଚାହୁଁନଥିଲେ ।



ଯୀଶୁ ବାର୍ଟୀମୟଙ୍କୁ କହିଲେ, ଦୃଷ୍ଟିପାଅ । ତୁମ୍ଭର ବିଶ୍ୱାସ ତୁମ୍ଭକୁ ସୁସ୍ଥ କରିଅଛି ।



ତତ୍କ୍ଷଣାତ୍ ସେ ଦୃଷ୍ଟି ପାଇଲେ
ଓ ଯୀଶୁଙ୍କ ପଛେ ପଛେ
ଗଲେ । ସେ କେବଳ
ପରମେଶ୍ୱର ଅଦ୍ଭୁତ
ଭାବିପାରିଲେ,
ସେ ମୋତେ
ସୁସ୍ଥ କରିଅଛନ୍ତି,
ବାର୍ଟୀମୟଙ୍କ ନିମନ୍ତେ
ଏକ ଅଦ୍ଭୁତ ସମୟ ଥିଲା ।





ସମସ୍ତ ଲୋକ, ଯେତେବେଳେ
ସେମାନେ ଏହା ଦେଖିଲେ,
ସେମାନେ ପରମେଶ୍ୱରଙ୍କ ମହିମା
କଲେ । ପୁଣିଥରେ, ସେମାନେ
ଈଶ୍ୱରଙ୍କ ପୁତ୍ରଙ୍କର ଅଦ୍ଭୁତ କର୍ମ
ଦେଖିଲେ, ଯୀଶୁ ସେହି
ଗରିବ ଅନ୍ଧ ଭିକାରିକୁ
ସୁସ୍ଥ କଲେ ।

ଯୀଶୁ ଏକ ଅନ୍ଧକୁ ସୁସ୍ଥ କଲେ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କାହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ମାର୍କ ୧୦, ଲୂକ ୧୮, ଯୋହନ ୯

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ବରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ବର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ବର ଜାଣନ୍ତି, ଯାହାକୁ ଈଶ୍ବର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ବର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ଵିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ଵାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬